# ଆସନ୍ନ ଗୋଧୂଳି

ମୋର ଚତୁର୍ପାଶ୍ୱରେ ଘନ କୁଜ୍‌ଝଟିକାର ଏକ ପ୍ରତୁଳ ଆସ୍ତରଣ । ମୁଁ ଆକାଶ, ସୀମାହୀନ ଆକାଶ ଯିଏ ଜୀବନ ଦେହଳୀରୁ ତିରିଶଟି ବସନ୍ତର ରଙ୍ଗିମାମୟ ଗୋଧୂଳି ଅପରାହ୍ନ ମାନଙ୍କରୁ ଗୋଟିଏ ଅପରାହ୍ନକୁ ନିଜର ଅଭିପ୍‌ସାର ରଙ୍ଗରେ ରଙ୍ଗାଇବାରେ ଏଯାବତ ବୋଧକରୁ ସକ୍ଷମ ହୋଇପାରିନାହିଁ । ସବୁଜ ପତ୍ରାଂଶ ମାନଙ୍କରୁ ଭୂପତିତ ଜଳବିନ୍ଦୁ ମାନଙ୍କର ମୁକ୍ତାଭ ପ୍ରତୀତି ଆକାଶକୁ ଯେପରି ମହାକାଶ ମଧ୍ୟରେ ତଲ୍ଲୀନ କରିଦେଇଛି । ଦୂର ପର୍ବତ ସଦାକାଳେ ଅତୀବ ସୁନ୍ଦର । ସୁଦୀର୍ଘ ପଶ୍ଚିମଘାଟ ପର୍ବତମାଳାର ରମଣୀୟ ଶୃଙ୍ଗରାଜିରେ ନବ ଜୀମୂତର ସାମୟିକ ବିଶ୍ରାମ ଦୃଶ୍ୟରାଜି ସଂଦର୍ଶନରେ ଲେଖକ ବାଟହରା ହୋଇବସେ, ରସିକ ରସ ଆସ୍ୱାଦନରେ ଦାମ୍ଭିକତା ହରାଏ, ଆଉ ଭାବୁକ ଭାବନାର ଅନନ୍ତ ଜଳରାଶି ମଧ୍ୟରେ ନିକ୍ଷେପିତ ହୋଇ ସ୍ୱୀୟ ସତ୍ତାକୁ ଭୁଲିବାକୁ ବସେ । ମୋର ମହାବାଲେଶ୍ୱର ରହଣି ଭିତରେ ପାନ୍ଥିକାର ନିକାଞ୍ଚନ କୋଠରୀ ମଧ୍ୟରୁ ମେଘ ବିମଣ୍ଡିତ ପର୍ବତମାନଙ୍କୁ ଦେଖିବାରେ ବୁଡ଼ିଥିବା ସମୟରେ ପରିଚାରକର ପାନୀୟ ପାତ୍ରର ଶବ୍ଦରେ ସମ୍ବିତ୍ ଫେରିପାଏ । ନୈସର୍ଗିକ ଶୋଭାରାଶିର ଗନ୍ତାଘର ଏହି ନଗରର ଉତ୍ତୁ ଙ୍ଗ ଶିଖର ମାନଙ୍କ ମଧ୍ୟରେ ଥିବା ଦର୍ଶନୀୟ ସ୍ଥାନ ସଂଦର୍ଶନର ଇଚ୍ଛା ହୃଦୟରେ ଜାଗରୁକ ହୁଏ । ଏହି ପଶ୍ଚିମଘାଟ ପର୍ବତ ଶିଖରରେ ଗଢି ଉଠିଥିବା ସହରମାନଙ୍କ ମଧ୍ୟରେ ଖଣ୍ଡାଲା, ଲୁନାଭାଲା ଓ ପଞ୍ଚଗଣୀକୁ ପାଖରୁ ଦେଖିଲେ ଦର୍ଶକଙ୍କର ମନରେ ଯେଉଁ ରୋମାଂଚ ଜାତହୁଏ ତାହା କବି ବା ଲେଖକର ଭାବନା ରାଜ୍ୟର ବାହାରେ ଥାଏ । ପାର୍ବତୀୟ ଜଳବାୟୁର ଘନ ଘନ ପରିବର୍ତ୍ତିତ ବାତାବରଣ ଭିତରେ ମେଘମାନେ ପର୍ବତ କନ୍ଦରାରେ ଆଶ୍ରୟ ନେଇ ପ୍ରଚ୍ଛନ୍ନ ଅନ୍ଧକାରର କୁହେଳିକା ସୃଷ୍ଟି କରନ୍ତି । କୃଷ୍ଣ କାଳିମାମୟ ସର୍ପିଳ ରାସ୍ତାମାନଙ୍କର ତରଙ୍ଗାୟିତ ଗତି ପଥାରୁଢ ଜଣେ ପର୍ଯ୍ୟଟକ ମନରେ ରୋମାଞ୍ଚ ଆଣେ । ଏଠାର କମନୀୟ ତଥା ନମନୀୟ ବାତାବରଣ ପର୍ଯ୍ୟଟକଙ୍କୁ କାହିଁ ଦୂରରୁ ଟାଣିନେଇଆସେ । ପର୍ବତ ଦେହରୁ ସୃଷ୍ଟ ଜଳାଧାର ମାନଙ୍କର ନିମ୍ନଗା ଗତି ଓ ନୌକା ବିହାରର ଅନୁଭୂତି ଦର୍ଶକର ହୃଦୟ ପଟରେ ରଙ୍ଗିମାମୟ ଚିତ୍ର ଭାବରେ ସ୍ଥାନିତ ହୋଇଯାଏ ।

ଆସନ୍ନ ଗୋଧୂଳିକୁ ତିଳେ ତିଳେ ଅନୁଭବ କରିବାର ଅଭିପ୍ସା ନେଇ ନିଃସଙ୍ଗ ପାଛିକାରୁ ମୋର କାର୍‌ଟି ସୁନ୍ଦରତମ ସ୍ଥାନ 'ପାଞ୍ଚ ନମ୍ବର ପଏଣ୍ଟ' ଅଭିମୁଖରେ ଧାବିତ ହୁଏ । ଜୀବନର ପ୍ରତିଟି ଛବିକୁ କଳ୍ପନାର ପରିଧି ମଧ୍ୟକୁ ଆଣି ତାକୁ ତୂଳି ମୂନରେ ରୂପ ଦେବାରେ ସଫଳଗାମୀ ପୁରୁଷ, ମୁଁ ଆକାଶ, ଆଜି ଜୀବନର ମାନେ ବୁଝିବାକୁ ଯାଇ ଐକାନ୍ତିକତା ହିଁ ଆବୋରି ନେଇଛି । ମୋ ଜୀବନର ଅନେକ ବସନ୍ତମାନଙ୍କୁ ପଛରେ ପକାଇଦେଇ, ଏହି ଶୈଳନିବାସରେ ପ୍ରତ୍ୟେକ ମୁହୂର୍ତ୍ତମାନଙ୍କୁ ଉନ୍ନତ ଶୈଳୀ ଏବଂ ଉନ୍ନତ ଚିନ୍ତାଧାରା ମଧ୍ୟରେ ଅତିପାତ କରିବାର ଇଚ୍ଛା ଥିଲେବି ତାହା ଫଳବତୀ ହୁଏନା । ଶାନ୍ତ ଗୋଧୂଳିର ନଗ୍ନ ବନ୍ୟ ଶୋଭାରାଜି ମଧ୍ୟରେ ମୋର ଚକ୍ଷୁ ବିସ୍ଫାରିତ ହୋଇଯାଏ ଯେତେବେଳେ ଏକ ଅନିନ୍ଦ୍ୟ ସୁନ୍ଦରୀ ଅନୂଢା କିଶୋରୀକୁ ଦେଖିବାର ସୁଯୋଗ ମିଳେ । ସଂଧ୍ୟାର ଘନକୁହୁଡ଼ି ଭିତରେ କାକରର ବିନ୍ଦୁ ବିନ୍ଦୁ ଜଳରେ କିଶୋରୀର ଅଙ୍ଗବାସ ସଂପୂର୍ଣ୍ଣ ଭାବରେ ଜଡ଼ିଯାଇଥାଏ ତାର ତନୁଶ୍ରୀରେ । ଈଶ୍ୱରଙ୍କର ଅନନ୍ତ ସୃଷ୍ଟିରେ ନାରୀର ସୃଜନ ପୁରୁଷମନରେ ବୋଧହୁଏ ଅନନ୍ତ ପ୍ରତୀକ୍ଷାର ଅନ୍ତ ଘଟାଇବାର ପାଇଁ । ଏହା ଫଳବତୀ ହୁଏ ଯେତେବେଳେ ପୁରୁଷ ତାର ମାନସ ପ୍ରତିମାର ସାନ୍ନିଧ୍ୟ ଲାଭ କରେ । ସେଇ ନାରୀଟିର ଗୋଟାଏ ଅନାବରଣ ଅଙ୍ଗରାଜିର ସିଲ୍‌ହଟ ମୋ ଚକ୍ଷୁ ସମକ୍ଷରେ ବିଭାସିତ ହୁଏ । ସଂଜଟା ମହାବାଲେଶ୍ୱରର କୁଜ୍‌ଝଟିକାମୟ ଆକାଶରେ ତାର କାଳିମା ବିସ୍ତାର କରି ସାରିଲାଣି । ସାରା ସହରଟା ରଙ୍ଗୀନ ସଂଧ୍ୟାରେ, ସଂଗୀତର ମଧୁମୂର୍ଚ୍ଛନାର ତାଳେ ତାଳେ ଯେତେବେଳେ ଜୀବନ୍ତ ହେବାରେ ଚେଷ୍ଟିତ, ସେତେବେଳେ ମୋର ମନଟା କାହିଁକି ସେଇ ଲାସ୍ୟମୟୀ ନାରୀ ମୂର୍ତ୍ତିପାଖରେ ଆବଦ୍ଧହୋଇ ରହିଯାଏ । ମୋ ପରି ଜଣେ ଚିତ୍ରକାରର ହୃଦୟତନ୍ତ୍ରୀରେ ମଧୁ ଗୁଞ୍ଜନର ସୃଜନ ପାଇଁ ଯେପରି ଏପରି ଦୃଶ୍ୟାବଳୀ ବିହି ନିର୍ଦ୍ଦେଶିତ ।

ନୀଳ ତିମିରିତ ଅନ୍ଧକାର ମଧ୍ୟରେ ସେଇ ମୂର୍ତ୍ତି ଆଡ଼କୁ ମୁଁ ଯେତେ ଅଗ୍ରସର ହୁଏ, ସେ ଛାୟାମୂର୍ତ୍ତି ସେତେ ଶୀଘ୍ର ପାହାଡ଼ର କନ୍ଦରା ମଧ୍ୟକୁ ନିକ୍ଷେପିତ ହେବାପରି ଲାଗେ । ହଠାତ୍ ସାମନାର ବାରିକେଡ୍ ପାଖରେ ପହଞ୍ଚିବାରେ ମୋର ସମ୍ବିତ୍ ଫେରିଆସେ । ଶୈଳ ନିବାସ ମାନଙ୍କରେ ଶୀର୍ଷବିନ୍ଦୁରେ ଥିବା କୌଣସି ସ୍ଥାନରୁ ନିମ୍ନ ଦେଶକୁ ଦୃଷ୍ଟି ନିକ୍ଷେପ କଲେ ଦର୍ଶକକୁ ମେଘ ମେଦୁରିତ ଗୋଟାଏ ତିମିରିତ ଦିଗ୍‌ବଳୟ

ବ୍ୟତୀତ ଅନ୍ୟକିଛି ଦୃଷ୍ଟିଗୋଚର ହୁଏ ନାହିଁ । ସେଇ ଅନିନ୍ଦ୍ୟ ସୁନ୍ଦରୀ ଝିଅଟିର ସୁରୁଚି ଅଂଗ ସୌଷ୍ଠବର ଏକ ଲାସ୍ୟମୟୀ ଛବି ମାନସ ପଟରେ ନେଇ ମୁଁ ଫେରିଆସେ ମୋର ପାନ୍ଥିକାର ନିର୍ଜନ କୋଠରୀକୁ ।

ଏ ସ୍ଥାନ ମାନଙ୍କରେ ସୂର୍ଯ୍ୟଙ୍କର ଉଦୟ ଅସ୍ତ ବା ସକାଳ ସଂଧ୍ୟାକୁ ଚିହ୍ନିବାରେ ମନ ମଧ୍ୟରେ ଦ୍ୱିଧା ଜାତ ହୁଏ । କାରଣ ଆକାଶ ସର୍ବଦା ମେଘାଛନ୍ନ ଏବଂ ମେଞ୍ଚା ମେଞ୍ଚା ମେଘ ଗୁଡ଼ାକ ଘରର ଗୋଟାଏ ପଟରୁ ଅନ୍ୟ ପାର୍ଶ୍ୱକୁ ନିର୍ଦ୍ୱନ୍ଦରେ ଯିବାଟା କେବଳ ଦେହରେ ଶୀତଳତାର ସ୍ପର୍ଶଯୋଗେ ଅନୁଭବ କରିହୁଏ । ଏହା ଗୋଟାଏ ଚିତ୍ରକରର ନିଃସଙ୍ଗତାକୁ ଅନେକ ଗୁଣରେ ବଢାଇ ଦେଇଥାଏ । ଗୋଟାଏ ପୁରୁଷ ମନରେ ସୃଷ୍ଟି ହୋଇଥିବା ବେପଥୁ ଯେପରି ଗୋଟାଏ ଅଭିସାରିକାର ପଥକୁ ଚାହିଁ ଚାହିଁ ପ୍ରତିଟି ମୁହୂର୍ତ୍ତକୁ ତିଳ ତିଳ କରି ନଷ୍ଟ କରିବାର ଆକାଙ୍କ୍ଷା ନେଇ ରହିଯାଏ । କେତେବେଳେ ଯେ ତନ୍ଦ୍ରାର କରାଳ କକ୍ଷ ମୋତେ କୋଳେଇ ନେଇ ସକାଳ ହୋଇଯାଏ, ତାହା ମୋଟେ ଜଣା ପଡ଼େନାହିଁ ।

ପର୍ବତ ଶୀର୍ଷରେ କେଉଁ ଆଦିମ କାଳରୁ ପ୍ରତିଷ୍ଠିତ ଶିବ ମନ୍ଦିର ଏବଂ ଏହାର ସୁଦୃଶ୍ୟ ତୋରଣ ଭୁବନେଶ୍ୱର ମନ୍ଦିର ମାନଙ୍କର କମନୀୟତାକୁ ମାନସ ପଟରେ ଉଦ୍‌ଭାସିତ କରାଏ । ଏକ ଖର୍ବକାୟ ବୃଷଭ ସମ୍ମୁଖରେ ବିରାଟ ଏକ ଶିବଲିଙ୍ଗ । କେତେ ଶତାବ୍ଦୀ ନେଇ ଏ ମନ୍ଦିର ଏଠାରେ ସ୍ଥାନିତ କେବଳ ଦର୍ଶକର କଳ୍ପନା ବିଳାସୀ ମନ ତାର ପରିକଳ୍ପନା କରିବାର ଶ୍ରେୟତା ଅନୁଭବ କରେ । ସମାନ୍ୟ ବିଶ୍ରାମପରେ ଯେତେବେଳେ ମନଟା ଲାଘବ ହୋଇଥାଏ ହଠାତ୍ ସେଇ କିଶୋରୀର ମୂର୍ତ୍ତି ମୋର ମାନସପଟରେ ଉଦ୍‌ଭାସିତ ହୁଏ ଏବଂ ମୁଁ ପୁଣି ସେଇ ପାଞ୍ଚନମ୍ବର ପଏଣ୍ଟ ଅଭିମୁଖରେ ଧାବମାନ ହୁଏ । ଘନ ତମିସ୍ରାର ଆସ୍ତରଣ ଭେଦ କରି ଦେଖେ ସେଇ କିଶୋରୀଟିକୁ ଯିଏ ବୋଧହୁଏ ମୋର ପ୍ରତୀକ୍ଷାରେ ସେଠାରେ ସ୍ଥାନିତ । କଥାବାର୍ତ୍ତା ହେବାର ମାନସିକତା ନେଇ ହେଉ କିମ୍ବା ମିଳନ ମାନସର ଉଦ୍‌ବେଳନ ହେଉ ମୋର ଉଦ୍‌ଭ୍ରାନ୍ତ ମନଟା ଏ ଶରୀରକୁ ଯେପରି ସେଇ ଝିଅଟି ପାଖକୁ ନେଇଯାଏ । ମୁଁ ନିଜର ସତ୍ତା ହରାଇ ଏକ ତୀର୍ଯ୍ୟକ ସ୍ଥାନରେ ପହଞ୍ଚିସାରିଥାଏ ଯେଉଁଠାରୁ ପତିତ ହେଲେ ହଜାର ହଜାର ଫୁଟ ତଳେ ମନୁଷ୍ୟର ସତ୍ତାର ବିଲୋପ ହୋଇଯିବ । ଘନ ଅନ୍ଧକାର ମଧ୍ୟରେ

ଗୋଟାଏ ଆରକ୍ଷୀର ଶକ୍ତ ହାତଟା ଯେପରି ମୋତେ ଧରିନିଏ ଏବଂ ହଠାତ୍ ଗୋଟାଏ ବଡ଼ ଦୁର୍ଘଟଣାରୁ ମୋର ରକ୍ଷା ମିଳିଯାଏ ।

ସଂଧ୍ୟା ଅତିକ୍ରାନ୍ତ ପ୍ରାୟ । ସେଇ ଆରକ୍ଷୀ ଜଣକ ଯେଉଁ ସୂତ୍ରର ଧାର ମୋ ସମ୍ମୁଖରେ ଉପସ୍ଥାପନ କରନ୍ତି, ସେଥିରେ ମୁଁ ଆକାଶ ମୋର ନିଜସ୍ୱ ହରାଇବସେ । ସେଇ ଝିଅଟି ଗୋଟାଏ ଅତୃପ୍ତ ଆତ୍ମା ଯିଏ କେତେଦିନ ତଳେ ତାର ପ୍ରେମିକ ଦ୍ୱାରା ପ୍ରତାରିତ ହୋଇ ଏଇ ସ୍ଥାନରେ ହିଁ ଆତ୍ମ ବିସର୍ଜନ କରିଥିଲା ।

ଏକ ଆସନ୍ନ ବିପତ୍ତିରୁ ରକ୍ଷା ପାଇଁ ଜଗନ୍ନାଥଙ୍କୁ ମୋର ବାରମ୍ବାର ପ୍ରଣତି ଜଣାଏ । ବିଳମ୍ବିତ ରାତ୍ରିଯାଏ ମୋର କୋଠରୀର ନୀରବତା ସାଙ୍ଗକୁ ମାନସିକ ଅସନ୍ତୁଳନର ବାରମ୍ବାର ପ୍ରତିଧ୍ୱନି ହୁଏ ମୋର ମସ୍ତିଷ୍କରେ ଏବଂ ସେଇ ଅସନ୍ତୁଳିତ ପରିବେଶ ମଧ୍ୟରେ ମୋତେ କେତେବେଳେ ନିଦ ହୋଇଯାଇଛି ତା ପରଦିନ ମୋର ଭୁବନେଶ୍ୱର ଆସିବା ଲାଗି ଟ୍ରେନ ଧରିବାର ମାନସିକତା ନେଇ ।

***